ଓଁ

ନମଃ ଶିବାୟ

# କେଦାର ବ୍ରତ କଥା


ଲେଖକ:—

ଶ୍ରୀ ଶ୍ୟାମସୁନ୍ଦର ଗନ୍ତାୟତ ଶର୍ମା





ପ୍ରାପ୍ତିସ୍ଥାନ—

ସନ୍ନ୍ୟାସୀ ପୁସ୍ତକାଳୟ

ଦେଶବେହରା ସାହି, ବ୍ରହ୍ମପୁର

ମୂଲ୍ୟ – ଦୁଇଅଣା

# କେଦାରବ୍ରତ କଥା

ଏକ ଦିନକରେ ନୈମିଷା ଋଷି କୁନ୍ତୀଙ୍କୁ ସଙ୍ଖୋଳି ଗଲେ ବନସ୍ତରେ ଯାଉଁ ଯାଉଁ କୁନ୍ତୀଙ୍କୁ ଭେଟିଲେ । କୁନ୍ତୀଙ୍କୁ କୁଶଳ ପୁଚ୍ଛିଲେ କୁନ୍ତୀ କହିଲେ କି କୁଶଳ କହିବି । ଦୁର୍ଯ୍ୟୋଧନ ରାଜ୍ୟରେ ରଜା ହେଲା । ଆମ୍ଭ ସନ୍ତତେ ପୁତ୍ରମାନେ ବନବାସ କଲେ, ଅଶେଷ ଦୁଃଖ ପାଇଲେ । ଏହା ଶୁଣି ନୈମିଷା ଋଷି କହିଲେ, ଏବେ ତୁମ୍ଭେମାନେ କେଦାରବ୍ରତ କର । ଏହା ଶୁଣି କୁନ୍ତୀ କହିଲେ, ସେ ବ୍ରତ କେଉଁ ଯୁଗରେ କେଉଁ କାଳେ କେହୁ କରିଥିଲେ, କି ରୂପେ ସେ ବ୍ରତ କରନ୍ତି ଏହା କହନ୍ତୁ । ଏହା ଶୁଣି ନୈମିଷା ଋଷି କହିଲେ ଏବେ ଶୁଣିବା ହୁଅନ୍ତୁ । ପୂର୍ବ କାଳରେ ସତ୍ୟଯୁଗରେ ଏ ବ୍ରତ ସ୍ୱର୍ଗର ଅପ୍ସରାମାନେ କରନ୍ତି । ଏବେ ତୁମ୍ଭେ ଏ ବ୍ରତ କର । କାର୍ତ୍ତିକ-ପୂର୍ଣ୍ଣମୀ ଦିନ ଏ ବ୍ରତ କରିବ, ସବନ ଛୁଦ୍ରାମଣ୍ଡଳ କାଟିବ । ତତ୍ପରେ ଈଶ୍ୱର ପାର୍ବତୀ ସ୍ଥାପିବ । ନନ୍ଦୀ ଭୃକୁଟି ଦ୍ୱାରେ ସ୍ଥାପିବ ଏକୋଇଶି ଖିଅରେ ବ୍ରତ କରିବ । ବ୍ରତରେ ଏକୋଇଶି ଗଣ୍ଠି କରିବ । ଏକୋଇଶ ନାଡ଼ ଦୁବ କରିବ । ଏକୋଇଶି ଗୁଆ କରିବ, ଅପାମାରଙ୍ଗ ଦାନ୍ତକାଠି ଏକୋଇଶି ଖଣ୍ଡ କରିବ । ଏକୋଶିଫଳା ହଳଦ କରିବ । ଏକୋଇଶି ବର୍ଣ୍ଣର ଫୁଲ କରିବ । ବଇଫଳ ଏକୋଇଶି କରିବ । କରଞ୍ଜଫଳ ଏକୋଇଶି ଖଣ୍ଡ କରିବ ।

ଏକୋଇଶି ପାନପତ୍ର କରିବ । ଏକୋଇଶି ବର୍ଣ୍ଣର ପିଠା କରିବ । ଅଁଳ ଚୋଳା ଏକୋଇଶି କରିବ । ବରପିଠା ଏକୋଇଶି କରିବ । କଦଳୀ ନଡ଼ିଆ ଅକ୍ଷୁ ବାଢ଼ିବ, ଘୃତଦୀପ ଜାଳିବ, ଈଶ୍ବରପାର୍ବତୀଙ୍କୁ ସ୍ମରଣ କରିବ । ଶ୍ରୀ କେଦାରନାଥଙ୍କୁ ସ୍ମରଣ କରିବ, ନଇବେଦ୍ୟ କରିବ । ଫୁଲ ଦୁବ ମଥାରେ ଘେନିବ । ଯାହା ମନାସିଲେ ତାହା କେଦାରନାଥ ପ୍ରସନ୍ନ ହୋଇ ଦିଅନ୍ତି । ମନ କାମନାସିଦ୍ଧି କରନ୍ତି । ଏହା ଶୁଣି କୁନ୍ତୀ ପଚାରିଲେ—ଏବ୍ରତ କରି କେଉଁମାନେ କେଉଁ ଫଳ ପାଇଲେ ତାହା ମୋତେ କହନ୍ତୁ । ଏହା ଶୁଣି ନୈମିଷାଋଷି କହିଲେ ଶୁଣିବା ହୁଅନ୍ତୁ । ସତ୍ୟଯୁଗରେ ଏକ ବ୍ରାହ୍ମଣ ଚକ୍ରଧର ପଣ୍ଡାବୋଲି ଥ ଏ । ତାହାର ଭାର୍ଯ୍ୟା ନାମ ସୁଶୀଳ ଚକ୍ରଧରପଣ୍ଡାର ଦୁହିତା ଯୋଡ଼ିଏ । ଗୋଟିକ ନାମ ଭାଗ୍ୟବତୀ, ଅନ୍ୟଟି ନାମ ପୁଣ୍ୟବତୀ । ସେ ଅତି ଦରିଦ୍ର । ଗୋଟିଏ ଗାଁ ଗଲେ ମାଣେ ମିଳେ, ଦଶଗାଁ ଗଲେ ମାଣେ ମିଳେ । ଖାଇବାକୁ ପେଜନାହିଁ, ପିନ୍ଧିବାକୁ କନା ନାହିଁ । ଦୁହିତା ଯୋଡ଼ିକ ଛିଣ୍ଡାକନା ଗଣ୍ଠି ପକାଇ ପିନ୍ଧୁଥାନ୍ତି, ବନସ୍ତକୁ ଘସି ଗୋଟାଇବାକୁ ଯାଉଥାନ୍ତି । ଅତି କଷ୍ଟରେ ଅତି ଦୁଃଖରେ ଦିନ କାଟୁଥାନ୍ତି । ଏକ ଦିନକରେ ଘସି ଗୋଟାଇବାକୁ ବନସ୍ତକୁ ଯାଇଥିଲେ । ଘସିଗୋଟିଆଇ କୁଣ୍ଡିରେ ପୁରାଇଲେ । ସେହୁ ଦିନ କାର୍ତ୍ତିକ ପୂର୍ଣ୍ଣମୀ ତିଥି, ସୋମବାର ହୋଇଥିଲା । ସ୍ୱର୍ଗରୁ ଦେବକନ୍ୟା ମାନେ ମର୍ତ୍ତ୍ୟକୁ ଆସିଥିଲେ । ଗୋଟିଏ ମଣ୍ଡପ ଦେଖିଲେ, ସେହି ମଣ୍ଡପ ଉପରେ ଦେବକନ୍ୟା-ମାନେ ରହିଥିଲେ । ନଦୀକି ସ୍ନାନ କରି ଗଲେ । ସ୍ନାନ ସାରି ପାଟପଟନୀ ପିନ୍ଧିଲେ । ସେହିଠାରେ ରୁଦ୍ରମଣ୍ଡଳ କାଟିଲେ । ଈଶ୍ବର ପାର୍ବତୀ ସ୍ଥାପିଲେ । ନନ୍ଦୀ ଭୃକୁଟି ସ୍ଥାପିଲେ । କେଦାର

ନାଥଙ୍କୁ ସ୍ମରଣ କଲେ । ବନସ୍ତରୁ ଏକୋଇଶ ବର୍ଣ୍ଣର ଫଳ ଆଣିଲେ । ଏକୋଇଶ ପୁଷ୍ପ ଆଣିଲେ । ଏକୋଇଶ ପାନ ଆଣିଲେ, ଏକୋଇଶ ବକଫଳ ଆଣିଲେ । ଏକୋଇଶ ଖଣ୍ଡ କର ଓଢ଼ଣ ଆଣିଲେ । ଏକୋଇଶି ଅଁଳା କୋଳ ଆଣିଲେ । ଏକୋଇଶ ଦୁବ ଆଣିଲେ । କରଓଢ଼ଣକୁ ଏକୋଇଶି ଗଣ୍ଠି ପକାଇ ବ୍ରତ କଲେ । କଦଳୀ ନଡ଼ିଆ ଅଖୁ ପୂଜା କଲେ । କେଦାରନାଥଙ୍କୁ ସ୍ମରଣ କରି ଧୂପ ଦୀପ ଦେଲେ, ନୈବେଦ୍ୟ କଲେ । ଫୁଲଫୁଲ ଦେଲେ । ଏମନ୍ତ ସମୟରେ ଚକରଅ ପଣ୍ଡାର ଦୁଇଝିଅ ଦେବ କନ୍ୟାଙ୍କୁ ଦେଖିବାକୁ ଗଲେ । ଦେବକନ୍ୟାମାନେ ପୂଜା ସାରି ଦୁବ ତନ୍ତ୍ର ମଥାରେ ଖୋସିଲେ । ବ୍ରତ ବାହୁରେ ବାନ୍ଧିଲେ, କେଦାର ଗୋସାଇଁଙ୍କୁ ସାଷ୍ଟାଙ୍ଗ ହୋଇ ଦଣ୍ଡବତ କଲେ । ପୂଜା ପ୍ରସାଦ ଆନନ୍ଦରେ ଖାଇଲେ । ହାତ ଧୋଇବାକୁ ବାହାରକୁ ଆସିଲେ । ଚକବିଅ ପଣ୍ଡାର ଦୁଇଝିଅ ସେଠାରେ ଠିଆ ହୋଇଛନ୍ତି, ଦେବକନ୍ୟାମାନେ ଦେଖି ପଚାରିଲେ, ତୁମ୍ଭେ କିଏ ସେକଥ ରାକ୍ଷସୁଣୀ କି ପିଶାଚୁଣୀ, ଭୂତ କି ଡାହାଣୀ କହ, ନୋହିଲେ ଶାପ ଦେବୁ, କହିଲେ । ତାହା ଶୁଣି ଚକରଅ ପଣ୍ଡାର ଦୁଇଝିଅ ଗଡ଼ି ଲୋଟାଇ ତଳେ ଥାଇଲେ, ଗୋଡ଼ତଳେ ପଡ଼ି କହିଲେ, ଆମ୍ଭେ ଡାହାଣୀ ନୋହୁଁ, ରାକ୍ଷସୁଣୀ ନୋହୁ, ଭୂତ କି ପିଶାଚୁଣୀ ନୋହୁ ଚକବଅ ପଣ୍ଡାର ଦୁଇଝିଅ । ଆମେ ଭିକ୍ଷା ପାଇଁ ଆସିଥିଲୁଁ । ପଦ୍ମ ସରୋବର ଦେଖି ରହିଲୁଁ । ଖାଇବାକୁ ପେଟ ନାହିଁ, ପିନ୍ଧିବାକୁ କନା ନାହିଁ । ତାହା ଶୁଣି ଅପସରା ହୋଇଲେ, ତୁମ୍ଭେ କେଦାର ବ୍ରତ କରୁନାହିଁ କି ? ଏହା କହି ସେହି ଦୁଇ ଭଉଣୀଙ୍କ ଦୁଇଖଣ୍ଡ ବ୍ରତ ଦେଲେ । ତୁମ୍ଭେ ଦୁଇଭଉଣୀ କେଦାର

ବ୍ରତ କର, ଏହା କହି ଦେବ କନ୍ୟାମାନେ ସ୍ୱର୍ଗକୁ ଚାଲିଗଲେ । ଗଉରଅ ପଣ୍ଡାର ଦୁଇଝିଅ ସ୍ନାନ କରି ଗଲେ । ପିନ୍ଧିଥିବା କନା ଖଣ୍ଡକ ଦୁଆରେ ରଖିଲେ । ସ୍ନାନ କରି ଆସି ଦେଖିଲେ କନା ଧଉଣ୍ଡିକ ପାଟପଉଣୀ ହୋଇଛି । ସେହି ପାଟ ପିନ୍ଧିଲେ, ବଉଫଳ ଗୁଞ୍ଜ କଲେ, ବର ଓହଳ ବ୍ରତ କଲେ, ବରମଞ୍ଜି ପାନକଲେ, ବରଛାଲି ହଳଦି କଲେ, ଏକୋଇଶ ନାଡ଼ ଦୁବ କଲେ, ଏକୋ-ଇଶି ବଉଫଳ ଆଣିଲେ । ବନସ୍ତରୁ ନାରିକେଳ, କଦଳୀ ଅଖୁ, ଆଣିଲେ । କେଦାରନାଥଙ୍କୁ ସ୍ମରଣ କରି ଓଷା ପକାଇଲେ । ଅର୍ଘ୍ୟ ଦେଲେ, ଫୁଲଫୁଲ ଦେଲେ, ମୃକୁଦୁବ ଘେନାଲେ, ବ୍ରତ ଲଗାଇଲେ, ପ୍ରସାଦ ପାଇଲେ, ଘେନି କୁଣ୍ଡିମଞ୍ଚ ଘରକୁ ଗଲେ । କେଦାର ନାଥଙ୍କ ଆଜ୍ଞାରୁ ସେ ଘର କେଡ଼େ ହେଲା, ଜଗତ ଅଟ୍ଟାଳି ହୋଇଛି, ଚେତ ମନ୍ଦିର ହୋଇଛି, ଦୁଆରେ ହାତୀ, ଘୋଡ଼ା ବନ୍ଧା ହୋଇଛି, ପ୍ରଜାମାନେ ଜଗିଛନ୍ତି, ଦୁଇ ଭଉଣୀ ଓଟକା ହେଲେ । ମା' ଜଗତଂର ଥାଇ ଦେଖୁଥିଲା, ଦୁଇଝିଅଙ୍କୁ ପାଟେଷ୍ଟି ନେଲା । ଘଡ଼ି ଉବୁର ଦେଲାବେଳକୁ ଷଡ଼ିଠାଏ ସୁବର୍ଣ୍ଣ ହୋଇଛନ୍ତି । କେଦାର ନାଥଙ୍କ କୃପାରୁ ନିଷ୍ଟନ୍ତରେ ଘରଦ୍ୱାରକଲେ ସେହି ଗ୍ରାମର ରଜା ଗଉରଅ ପଣ୍ଡାର ବଡ଼ ଝିଅକୁ ବିଭାହେଲା, ସାନ ଝିଅ ମନ୍ତ୍ରୀକି ବିଭାହେଲା । ଶ୍ରୀକେଦାର ନାଥଙ୍କ କୃପାରୁ ଦୁଇ ଭଉଣୀ ଉତ୍ତମ ସୁଖ ପାଇଲେ । ଦିନେ ରଜା ମହାଦେଈ ହାତରେ ସୂତାଡ଼ୁର ଦେଖିଲେ । ସେ ସୂତା ବ୍ରତ କଲମ୍ବଗଛ ମୂଳରେ ଫିଙ୍ଗିଦେଲେ । ସୂତାବ୍ରତ ଆଣି ଲଗାଇଲେ, ମନରେ ବେଶୀ ଗର୍ବ କଲେ । ଗର୍ବ ଗଞ୍ଜନକାରୀ ଶ୍ରୀ କେଦାରନାଥ ଗୋସାଇଁ ଜାଣିଲେ । ଅଳ୍ପଦିନରେ ୯ ରଜା ନବଣି ଗଡ଼କଲା । ଏହାଗର୍ବକୁ

ଖର୍ଚ୍ଚ କରିବା । ତାଙ୍କର ଯେତେ ଦ୍ରବ୍ୟ ଥିଲା ସେ ଦ୍ରବ୍ୟସବୁ କେଦାରନାଥ ହରଣ କଲେ । ଦିନକୁ ଦିନ ଚକ୍ରଧର ପଣ୍ଡାର ଝିଅ ଅନେକ ଦୁଃଖ ପାଇଲା । କେତେ ଦିନ ଗଲା ଉତ୍ତାରୁ ରଜା ମହାଦେବଙ୍କ ଭିକ୍ଷା ମାଗିଲେ । ଯେଉଁ ବ୍ରତକୁ ଛିଣ୍ଡାଇ କଲରା ଗଛ ମୂଳରେ ଫିଙ୍ଗି ଦେଇଥିଲେ, କଲରା ଗଛ ମୂଳରେ ବ୍ରତ ପଡ଼ିଥିବାରୁ ସୁବର୍ଣ୍ଣ କଲରା ଫଳିଲା । ସେହି କଲରାକୁ ଚକ୍ରଧର ପଣ୍ଡାର ଝିଅ ନେଇ କୁମ୍ଭାରି ଘରେ ବିକ୍ରି କରୁଥାଏ । ସୋଳେ ବୋଡ଼େ ଅଣି ଚେଟି ପୋଷୁଥାନ୍ତି, ଏପରି ନାନା ଦୁଃଖ ପାଇଲେ, ରାଜ୍ୟଭ୍ରଷ୍ଟ ହେଲା, ହତଲକ୍ଷ୍ମୀ ହେଲେ । କେତେଦିନ ଗଲା ଉତ୍ତାରୁ ରଜାଙ୍କ ଭଉଜା ଭାଗ୍ୟବତୀ ଚକ୍ରଧର ପଣ୍ଡା ଘରକୁ ଗଲେ ଭାଗ୍ୟବତୀଙ୍କ ମାତା ସୁଶୀଳା ପଚାରିଲେ, ତୁମ୍ଭେ କି ହେତୁ ହତଲକ୍ଷ୍ମୀ ହୋଇଅଛ । ଏହା ଶୁଣି ଭାଗ୍ୟବତୀ କହିଲେ ରଜା ସୂତାର ବ୍ରତ କାଢ଼ି ସୁନାର ବ୍ରତ ଲଗାଇଲେ । ସେ ବ୍ରତ କଲରା ଗଛ ମୂଳରେ ପକାଇ ଦେଲେ । ସେହି ଦିନଠାରୁ ହତଲକ୍ଷ୍ମୀ ହେଲା । ସୁଶୀଳା ଏହା ଶୁଣି କହିଲେ, ଚାଲ କେଉଁଠାରେ ବ୍ରତ ଫିଙ୍ଗିଛ ଆଣିବା । ଭାଗ୍ୟବତୀ ଗଲେ, କଲରା ଗଛ ମୂଳରୁ ସୂତାର ବ୍ରତ ଆଣିଲେ, ବାହୁରେ ବାନ୍ଧିଲେ, ଓଷା ପୂଜିଲେ, ଦୂବ ପ୍ରସାଦ ଘେନିଲେ । ସେହି ବ୍ରତ କରିବାରୁ ସବୁ ଶୁଭ ହେଲା । ରଜା ରାଣୀ ସୁଖରେ ରହିଲେ । ଏପରି କେତେ ଦିନ ଉତ୍ତାରୁ କାର୍ତ୍ତିକପୂର୍ଣ୍ଣିମା ପଡ଼ିଲା । [illegible] କେଦାରବ୍ରତ ପୂଜା । ଭାଗ୍ୟବତୀ ସକାଳୁ ସ୍ନାନ କଲା, ଶ୍ରୀ କେଦାର ନାଥଙ୍କୁ ସୁମରଣ କଲା । ଏକୋଇଶି ବର୍ଣ୍ଣର ଫୁଲ କଲା, ଏକୋଇଶି ଦୁବ କଲା, ଏକୋଇଶି ଖଣ୍ଡ ଅପାମରଙ୍ଗ ଦାନ୍ତକାଠି କଲା ଏକୋଇଶି

ଗୁଅ ବଳା, ଏକୋଇଶି ପାନ ବଳା, ଏକୋଇଶି ବରଫଳ ବଳା, ଏକୋଇଶି ଖଣ୍ଡବର ଓହଳ ବଳା, ଏକୋଇଶି ଫଳା ଦଲଢଳା, ଅଁଳା କୋଳି ଏକୋଇଶି ବଳା, ଏକୋଇଶି ବର୍ତ୍ତିର ଖଳା ବଳା, ବରପିଠା ଏକୋଇଶି ବଳା, କଦଳୀ ନଡ଼ିଆ ଅଣ୍ଟୁ ବାନ୍ଧିଲ । ଏକୋଇଶି ଖିଅରେ ଗ୍ରନ୍ଥିଭଲ । ସେହି ବ୍ରତରେ ଏକୋଇଶି ଗଣ୍ଠି ପକାଇଲ । ଗୁହ୍ଲଜା ପୋଛି ଭଲ, ସବଂଶ ଛନ୍ଦ୍ର ମଣ୍ଡଳି କାଟିଲା, ଈଶ୍ୱର ପାବତୀ ସ୍ଥାପିଲା । କେଦାରନାଥଙ୍କୁ ସ୍ମରଣା କଲା । କଥା ଶୁଣିସାରି ଓଷ ପୂଜିଲା । ଦୁବପ୍ରସାଦ ଲଗାଇଲା । ଏପରି ଓଷା ପୂଜା ଭାଗ୍ୟବତୀ କରିବାରୁ କେଦାରନାଥ ପ୍ରସନ୍ନ ହେଲେ । ରାଜ୍ୟରେ ନିଶ୍ଚିନ୍ତରେ ରହିଲେ । ରାଜା ରାଣୀ ଅତି ଆନନ୍ଦ ହୋଇ ସୁଖରେ ରହିଲେ । ରାଜ୍ୟ ପାଇଲେ, ସାତ ପୁଅ ତିନି ଦୁହିତା ହେଲେ । କେଦାର ନାଥଙ୍କ କୃପାରୁ ସୁଖରେ ରହିଲେ, ସର୍ବ ସମ୍ପଦ ମିଳିଲା । ତୁମ୍ଭେ ଏବେ କେଦାରବ୍ରତ କର, ସାମ୍ରାଜ୍ୟ ପାଇବ । ନୈମିଷା ଋଷିଙ୍କ ଠାରୁ ବ୍ରତ କଥା ଶୁଣି କୁନ୍ତୀ ଶ୍ରୀ କେଦାରବ୍ରତ କଲେ । କେଦାରନାଥଙ୍କ କୃପାରୁ ପଞ୍ଚପାଣ୍ଡବେ ସାମ୍ରାଜ୍ୟ ପାଇଲେ, ଅତି ସୁଖରେ ରହିଲେ । ଏ ବ୍ରତ ଯେଉଁ ସ୍ତ୍ରୀମାନେ କରନ୍ତି ପୁତ୍ରବତୀ ଧନବତୀ ହୁଅନ୍ତି । ଅନ୍ତେ ସେମାନେ ବୈକୁଣ୍ଠକୁ ଯାନ୍ତି । ବ୍ରାହ୍ମଣ ଶ୍ୟାମର ତାଙ୍କ ପାଦେ ରହୁ ଭକ୍ତି ।

ଶ୍ରୀ କେଦାରନାଥଙ୍କ ବ୍ରତକଥା ସର୍ବାଙ୍ଗ ସମ୍ପୂର୍ଣ୍ଣ

ଖୁର୍ଦ୍ଧାର ସନ୍ନ୍ୟାସୀ ପ୍ରେସ୍‌ରେ ଶ୍ରୀ ବନାଥ ସାହୁଙ୍କ ଦ୍ୱାରା ମୁଦ୍ରିତ

# ବିଜ୍ଞାପନ

## ସଙ୍ଗୀତ ଚମ୍ପାଫୁଲ

ମୂଲ୍ୟ—ପାଞ୍ଚଅଣା ମାତ୍ର

## ଗୁନ୍ଧରମ୍ଭକର

ମୂଲ୍ୟ—ଏକଟଙ୍କା ଦୁଇ ଅଣା ମାତ୍ର

## ସଙ୍ଗୀତ ଭୂପେନ୍ଦ୍ରଭଞ୍ଜ

ମୂଲ୍ୟ—ଦଶଅଣା ମାତ୍ର

## ଆଖଡ଼ା ସଙ୍ଗୀତ

ମୂଲ୍ୟ—ଆଠଅଣା ମାତ୍ର

## ପକେଟ ସଙ୍ଗୀତ

ମୂଲ୍ୟ—ଆଠଅଣା ମାତ୍ର

---

ପ୍ରକାଶକ:- ଦଣ୍ଡୀ ପୁସ୍ତକାଳୟ